# ଏନ.ଡ଼ି.ଏ ଓ ଅନ୍ତିମ ସୋପାନ

**ତା.୨୪.୦୨.୨୦୧୪**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

୨୦୧୪ ର ନିର୍ବାଚନର ଦୌଡ଼ରେ ଆଜି ଭବିଷ୍ୟତ ବାଣୀର ଫ୍ୟାସନ ଆରମ୍ଭ ହୋଇଅଛି । ସେଥିରେ ଦିଲ୍ଲୀର କିଛି ଜନତା କେବଳ ନିଜର ବ୍ୟକ୍ତିଗତ ମତାମତ ଦେଉଥିବା ବେଳେ କିଛି ଓପିନିୟନ ପୋଲ ସପକ୍ଷରେ ନିଜର ମତାମତ ଦେଇଥାଆନ୍ତି । ୧୩.୦୯.୨୦୧୩ ମସିହାରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ଘୋଷଣା କରାଯିବା ପୂର୍ବରୁ ପ୍ରଶ୍ନ ଥିଲା କି ଦଳ ପ୍ରଧାନ ମନ୍ତ୍ରୀ ପଦ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଘୋଷଣା କରିପାରିବ ତ ? ତାହା ବ୍ୟତୀତ ସରକାର ଚଳାଇବା ଓ କୌଣସି ନିର୍ଦ୍ଦିଷ୍ଟ ସରକାରଙ୍କୁ ଗାଦିଚ୍ୟୁତ କରାଇବାର ଚିନ୍ତାଧାରା ଅନେକ ବିକ୍ଷିପ୍ତ ଭୋଟକୁ ଏକତ୍ରିତ କରିବାର ମଧ୍ୟ ଆଶା ଥିଲା । ଦୀର୍ଘ ୨୫ ବର୍ଷ ମଧ୍ୟରେ, ୧୯୮୯ ମସିହା ପରଠାରୁ ମୋଦିଙ୍କ ର୍‍ୟାଲି ସବୁଠାରୁ ବିରାଟ ଓ ଉତ୍ସାହପ୍ରଦ ର୍‍ୟାଲି । ୧୯୯୮ ଓ ୧୯୯୯ ମସିହାରେ ଶ୍ରୀ ଅଟଳ ବିହାରୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ସମୟର ସ୍ଥିତି ସ୍ୱତନ୍ତ୍ର ଥିଲା । ବର୍ତ୍ତମାନ ପୁଣି ପ୍ରଶ୍ନ ଉଠେ । କେଉଁମାନେ ବି.ଜେ.ପି କୁ ସମର୍ଥନ କରିବେ ? ସେମାନେ ବି.ଜେ.ପି ର ନୂତନ ସମର୍ଥକ ନୁହନ୍ତି ତ ? ତେବେ ବି.ଜେ.ପି ର ଦୃଢ଼ ସ୍ଥିତି ଦେଖି  ନିର୍ବାଚନ ପୂର୍ବରୁ ବା ପରେ ବହୁ ସମର୍ଥକ ଯୋଗ ଦେବାର ସମ୍ଭାବନା ଦେଖାଯାଏ । ବର୍ତ୍ତମାନ ଏ.ବି.ପି ନିଉଜ ଚ୍ୟାନେଲରେ ଏକ ପ୍ରଖ୍ୟାତ ଏଜେନ୍ସି ଏ.ସି ନିଲସନ ଏକ ମତାମତ ରଖିଅଛି । ମୁଁ ଯଦିଓ ଓପିନିୟନ ପୋଲକୁ ବିଶ୍ୱାସ କରେନାହିଁ ତଥାପି କହିବାକୁ ଚାହେଁ କି ଯଦି ଉକ୍ତ ପୋଲ ସତ୍ୟ ହୋଇଥାଏ, ତେବେ ତାହା ମୋଦିଙ୍କ ଲୋକପ୍ରିୟତାର ସ୍ପଷ୍ଟ ସୂଚନା ଦିଏ ।

ଓପିନିୟନ ପୋଲ ଅନୁଯାୟୀ ଆଗାମୀ ଲୋକସଭା ନିର୍ବାଚନରେ ଗୋଟିଏ ଦଳ ହିଁ ୨୦୦ ଆସନ ଊର୍ଦ୍ଧ୍ୱକୁ ଯିବ । ତାହାର ସମର୍ଥକ ମାନେ ମଧ୍ୟ କିଛି ଆସନ ଅଧିକାର କରିବେ । ଉତ୍ତର, କେନ୍ଦ୍ର ତଥା ପଶ୍ଚିମ ଭାରତରେ ବି.ଜେ.ପି ର ସ୍ଥିତି ଖୁବ ଉତ୍ତମ ଥିବା ବେଳେ ପୂର୍ବରେ ବିହାର ଓ ଦକ୍ଷିଣରେ କର୍ଣ୍ଣାଟକରେ ମଧ୍ୟ ବି.ଜେ.ପି ର ସ୍ଥିତି ଭଲ ରହିବ । ଅଣ ବି.ଜେ.ପି ରାଜ୍ୟରୁ ମଧ୍ୟ ମୋଦିଙ୍କ ହାତ୍ୱାରେ କିଛି ଆସନ ଆସିଯିବ । ତେଣୁ ଏଠାରେ ମୋଦିଙ୍କ ସରକାର ଗଠନ କରାଯିବାର ଆଶା ଖୁବ ଅଧିକ । କଂଗ୍ରେସର ମଧ୍ୟ ଆସନ ୧୦୦ ମଧ୍ୟରେ ସୀମିତ ହେବାର ଆଶା କରାଯାଏ । ଯାହା ଫଳରେ କଂଗ୍ରେସ କେବେ ମଧ୍ୟ କୌଣସି ଗଠବନ୍ଧନର କେନ୍ଦ୍ର ହୋଇପାରିବନାହିଁ । ତୃତୀୟ

ସାମ୍ମୁଖ୍ୟ କ୍ଷେତ୍ରରେ ମଧ୍ୟ ବହୁ ପ୍ରତିବନ୍ଧକ ରହିଅଛି । ତେବେ ବର୍ତ୍ତମାନ ପ୍ରଶ୍ନ ଉଠେ ବି.ଜେ.ପି ଉକ୍ତ ଲକ୍ଷ୍ୟରେ ଉପନୀତ ହେବାକୁ ନିଜକୁ କିପରି ପ୍ରସ୍ତୁତ କରିବ ।

ଏସବୁ ପୋଥିଗତ ହିସାବ ପତ୍ର ହେଲେ ମଧ୍ୟ ଯଦି ଜଣେ ବାସ୍ତବତାକୁ ବୁଝିବାକୁ ଚାହିଁବ ତେବେ ମୋଦିଙ୍କ ର୍‍ୟାଲିର ଆକାର ଦେଖି ବି.ଜେ.ପି ଉକ୍ତ ନିର୍ବାଚନ ଦୌଡ଼ରେ ସବୁଠାରୁ ଅଗ୍ରଣୀ ବୋଲି ବୁଝିପାରିବ । ଏହା ଓପିନିୟମ ପୋଲଠାରୁ ମଧ୍ୟ ଅଧିକ ହେବାର ଆଶା କରାଯାଏ । ଆଜି ମାତ୍ର କିଛି ରାଜ୍ୟରେ କଂଗ୍ରେସ ସରକାର ଥିବାବେଳେ ବହୁ ରାଜ୍ୟରେ ଅଣକଂଗ୍ରେସ ସରକାର ରହିଅଛି । ସେମାନଙ୍କ ପାଖରେ ନିଜ ଇଚ୍ଛା ମୁତାବକ ଦଳକୁ ସମର୍ଥନ ଦେବାର ମଧ୍ୟ ପୂରା ଅଧିକାର ଅଛି । ତେଣୁ ଯଦି ଆଗାମୀ ଦିନରେ ମୋଦିଙ୍କ ପାଇଁ ରେଟିଂ ୫୦% ରୁ ଅଧିକ ରହିଲା ତେବେ ବହୁ ରାଜ୍ୟ ନିଶ୍ଚିତ ଭାବରେ ପ୍ରଭାବିତ ହେବେ ଓ ଆମକୁ ଅନ୍ତିମ ସୋପାନରେ ପହଞ୍ଚିବା ସୁବିଧାଜନକ ହେବ ।